

ନୂତନ ବର୍ଷ ବିଶେଷାଙ୍କ

# ସୂଚୀପତ୍ର


ସଂପାଦକୀୟ ............

**ପ୍ରବନ୍ଧ................**

| | | | |
|---|---|---|---|
| ■ | ସୁଖ ଅନୁଧାବନରେ ମଣିଷ (୨) | ପ୍ରଫେସର ପ୍ରଦୀପ୍ତ ଚନ୍ଦ୍ର ତ୍ରିପାଠୀ | ୯ |
| ■ | ଫକୀରମୋହନଙ୍କ କବିତାରେ ମୃତ୍ୟୁଚେତନା | ଡକ୍ଟର ନାରାୟଣ ପଣ୍ଡା | ୧୬ |
| ■ | ସାରଳାଙ୍କ ମହାଭାରତ ମହାକାବ୍ୟରେ ମାନଗୋବିନ୍ଦ | ଡକ୍ଟର ଚିନ୍ମୟୀ ମହାପାତ୍ର | ୨୨ |
| ■ | ମଣିଷତ୍ୱର ପରିଚୟ ସଂଧାନରେ ଭଗବାନ ମେହେର | ଡକ୍ଟର ମଣୀନ୍ଦ୍ର କୁମାର ମେହେର | ୨୮ |
| ■ | ସାଧନା ଧରମ୍ | ଡକ୍ଟର ନାକୁ ହାଁସଦାଃ | ୩୨ |
| ■ | ଭାରତୀୟ ସଂସ୍କୃତି- ବିଶ୍ୱ ସଂସ୍କୃତିର ମାର୍ଗଦର୍ଶକ | ଶ୍ରୀମତୀ ମନ୍ଦାକିନୀ ଶତପଥୀ | ୩୮ |
| ■ | ଫକୀର ମୋହନ ସେନାପତିଙ୍କ ଉପନ୍ୟାସର ନାରୀ ଚରିତ୍ର | | |
| ■ | 'ଲଛମା'ଓ ତହିଁରେ ନାରୀଚରିତ୍ରର ଏକ ଦୃଷ୍ଟିପାତ | ମହାଶ୍ୱେତା ସାହୁ | ୪୧ |
| ■ | ରମେଶ ପତିଙ୍କ କବିତାରେ ସୌନ୍ଦର୍ଯ୍ୟ ଓ ସମ୍ବେଗାତ୍ମକତା | ପ୍ରଫେସର ଆଦିକନ୍ଦ ସାହୁ | ୪୬ |
| ■ | ସମୟର ସନ୍ଧିକ୍ଷଣ ଓ ଓଡ଼ିଆ ଭାଗବତର ଜନ୍ମ | ଜ୍ଞାନରଞ୍ଜନ ସ୍ୱାଇଁ | ୫୦ |
| ■ | ବ୍ୟକ୍ତି ଜୀବନରେ ନିରବତା | ଇଂ. ହରିହର ସେଠୀ | ୫୩ |
| ■ | ଅନ୍ଧାରର ଆରପାଖ -ଜୀବନର ଛଳଛଳ ଭାବ | ଡକ୍ଟର ଜୟଶ୍ରୀ ନନ୍ଦ | ୫୬ |
| ■ | ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାର ସ୍ୱରୂପ | ଅଭୟ କୁମାର ରାଉତ | ୫୯ |
| ■ | ଚେତନାର ଉତ୍ତରଣ: ଉତ୍ତର ମାର୍ଗ | ରୋଜାଲିନ୍ କୁଅଁର | ୬୪ |

**କବିତା................**

| | | | |
|---|---|---|---|
| ■ | ଆଜିକାଲିକା ସମୟରେ... | ଡ଼. ଅବନୀ ପ୍ରଧାନ | ୬୮ |
| ■ | ବୋଉ | ଖଗେଶ୍ୱର ମହାନ୍ତି | ୭୦ |
| ■ | ଉଇହୁଙ୍କା | ଡ଼. ଭାଗ୍ୟଲିପି ମଲ୍ଲ | ୬୯ |
| ■ | ସମୁଦ୍ର | ଚିନ୍ତାମଣି ମହାଲିକ | ୬୯ |
| ■ | ଫେରିବା ବାଟ | ପାରମିତା ଷଡ଼ଙ୍ଗୀ | ୭୧ |
| ■ | ଅମାନିଆ ଲୁହ | ଡ. ମନୋରଂଜନ ବିଷୋୟୀ | ୭୧ |
| ■ | ବୋଉର ପଣତ | ନାରାୟଣ ଚନ୍ଦ୍ର ଧଳ | ୭୨ |
| ■ | ସହରରେ ଗ୍ରୀଷ୍ମ | ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ | ୭୨ |
| ■ | ବର୍ଷାଢ଼୍ୟ ସ୍ୱୟମ୍ବର | କୀର୍ତ୍ତି ମହାନ୍ତି | ୭୩ |
| ■ | ରାମେଶ୍ୱରମ୍ ଧନୁଷ୍କୋଠୀରେ ସମୁଦ୍ର | ବ୍ରହ୍ମାନନ୍ଦ ବେହେରା | ୭୪ |
| ■ | ଆସର | ଅସୀମା ସାହୁ | ୭୫ |
| ■ | ଅନୁରାଧାର ହୃଦୟ | ଅଖିଳ କୁମାର ମିଶ୍ର | ୭୫ |
| ■ | ସେ କାହାର ଖବର ରଖେନା | ଆଦିତ୍ୟ ପ୍ରତାପ ଧଳ | ୭୬ |
| ■ | ବନହଂସୀ | ଦୁର୍ଗାପ୍ରସନ୍ନ ଦାଶ | ୭୬ |

# ସାଧନା ଧରମ୍

**ଡକ୍ଟର ନାକୁ ହାଁସଦାଃ**

ସାହିତ୍ୟ, ସମାଜ ଓ ଧର୍ମର ସମ୍ବନ୍ଧ ଅତି ନିବିଡ଼। ଏହି ସମ୍ବନ୍ଧକୁ ନିବିଡ଼ କହିବା ମଧ୍ୟ ଏତେଟା ଯୁକ୍ତିଯୁକ୍ତ ମନେ ହୁଏ ନାହିଁ ବରଂ ଏମାନେ ଅନେକାଂଶରେ ବହୁକ୍ଷେତ୍ରରେ ପରସ୍ପର ଉପରେ ନିର୍ଭରଶୀଳ। ତେଣୁ କୌଣସି ଗୋଟିକ, ଅପରଟି ବିନା ସ୍ୱୟଂ ସମ୍ପୂର୍ଣ୍ଣ ନୁହନ୍ତି। ଏଥିପାଇଁ ହିଁ ଗୋଟିକର କଥା ଆଲୋଚନା କଲାବେଳକୁ ଅପରଟି ଆପେ ଆପେ ଆସିଯାଇଥାଏ। ଏହା କେବଳ ସାମ୍ପ୍ରତିକ ସମୟର କଥା ନୁହେଁ, କେଉଁ ଆବହମାନ କାଳରୁ ଏହି ରୀତି ରହିଆସିଛି। ଏହା ହୋଇ ନଥିଲେ ସଂସ୍କୃତ ଭାଷାର ଅନ୍ୟତମ ବିଦ୍ୱାନ ବିଶ୍ୱନାଥ କବିରାଜ କହିନଥାନ୍ତେ "ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ।" ତେଣୁ ସାହିତ୍ୟ ସହିତ ସମାଜର ସମ୍ପର୍କର ମାନ୍ୟତା ପ୍ରାଚୀନ କାଳରୁ ମିଳିସାରିଛି। ସେହିପରି ଯେ କୌଣସି ସମାଜନ ବା ଗୋଷ୍ଠୀର କଥା ଆଲୋଚନା କଲାବେଳକୁ ଧର୍ମ ସମ୍ବନ୍ଧୀୟ କଥାବସ୍ତୁ ଆପାଛାଏଁ ଆସିଯାଇଥାଏ। କାରଣ ଏହି ଧର୍ମ ବିଶ୍ୱାସ ହିଁ ଯେ କୌଣସି ଗୋଷ୍ଠୀ ବା ସମାଜକୁ ଏକ ସୂତ୍ରରେ ବାନ୍ଧିରଖିବା ସକାଶେ ସହାୟକ ହୋଇଥାଏ। ଏହି ମର୍ମରେ ବିଚାର କଲେ ସାନ୍ତାଳ ଜନଜାତିଙ୍କ ପରି ଏକ ପ୍ରାଚୀନ ଓ ବିଶାଳ ଜାତିର ସ୍ୱତନ୍ତ୍ର ଧର୍ମ ରହିବା ସ୍ୱାଭାବିକ। ପୁନଶ୍ଚ ଏହି ଧର୍ମକୈନ୍ଦ୍ରିକ କଥାବସ୍ତୁ ସେମାନଙ୍କ ସାହିତ୍ୟରେ ସ୍ଥାନ ଲାଭ କରିବା ସୁନିଶ୍ଚିତ। ଏହା ଠିକ୍ ପୃଥିବୀର ଅନ୍ୟ ଯେ କୌଣସି ସାହିତ୍ୟ କ୍ଷେତ୍ରରେ ଯେପରି ହୋଇଅଛି।

ସାନ୍ତାଳ ସମାଜର ଧର୍ମ ବିଶ୍ୱାସର କଥାବସ୍ତୁ ଆଲୋଚନା କରିବା ପୂର୍ବରୁ ପ୍ରଥମତଃ ଏହି ସମ୍ପ୍ରଦାୟ ସମ୍ବନ୍ଧରେ ସମ୍ୟକ ସୂଚନା ଦେବାକୁ ଉଚିତ ମନେ କରୁଅଛି। ସମଗ୍ର ଭାରତ ବର୍ଷର ଜନସଂଖ୍ୟା ସମୀକ୍ଷା କଲେ ଜଣାଯାଇଥାଏ ଆଦିବାସୀ ମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଏକ ମୁଖ୍ୟ ଅଂଶ। ଜାତୀୟ ସ୍ତରରେ ଶହେରେ ସାତ ଜଣ ହେଉଛନ୍ତି ଆଦିବାସୀ ଏବଂ ଆମ ରାଜ୍ୟ ଓଡ଼ିଶାରେ ଶହେରେ ଏମାନଙ୍କ ସଂଖ୍ୟା ହେଉଛି ୨୫.୪୩। ଜନଗଣନା ୨୦୦୧ ଅନୁସାରେ ଓଡ଼ିଶାରେ ଆଦିବାସୀଙ୍କ ସଂଖ୍ୟା ୯୯, ୧୫, ୦୭୭ ଜଣ। (୧) ସମଗ୍ର ଭାରତରେ ଏହି ଜନଜାତିର ଗୋଷ୍ଠୀ ସଂଖ୍ୟା ୪୩୭ ଅଟେ। ସେଥିରୁ କେବଳ ଓଡ଼ିଶାରେ ୬୨ ପ୍ରକାରର ଆଦିବାସୀ ବସବାସ କରୁଥିବା ଜଣାଯାଇଥାଏ। (୨) ଏହି ଆଦିବାସୀମାନଙ୍କ ମଧ୍ୟରେ ସାନ୍ତାଳ ଏକ ପ୍ରମୁଖ ସମ୍ପ୍ରଦାୟ। ସଂଖ୍ୟାଦୃଷ୍ଟିରୁ ବିଚାର କଲେ ସମଗ୍ର ଭାରତବର୍ଷରେ ସାନ୍ତାଳମାନେ ହେଉଛନ୍ତି ତୃତୀୟ ସର୍ବବୃହତ ଜନଜାତି। ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ଭୀଲ୍ ଏବଂ ଗଣ୍ଡ ରହିଛନ୍ତି। ସାନ୍ତାଳମାନେ ଓଡ଼ିଶା ଏବଂ ଅନ୍ୟ ରାଜ୍ୟ ମାନଙ୍କରେ ଏପରିକି ଭାରତ ବାହାରେ ମଧ୍ୟ ବସବାସ କରୁଥିବାର ଜଣାଯାଇଥାଏ। (୩) ଏହି ଗୋଷ୍ଠୀ ଶିକ୍ଷା, ସଂସ୍କୃତି ତଥା ସମାଜ ସଂଗଠନ ଦୃଷ୍ଟିରୁ ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କ ତୁଳନାରେ ଯଥେଷ୍ଟ ଆଗରେ ରହିଛନ୍ତି। ଏହାର ନିଦର୍ଶନ ସ୍ୱରୂପ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା "ଅଲ୍‌ଚିକି" ଲିପି ଏବଂ ତାରିଖ ୨୨.୧୨.୨୦୦୩ ମସିହାରେ ସାନ୍ତାଳୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ମିଳିବା ଘଟଣାକୁ ଗ୍ରହଣ କରାଯାଇପାରେ।

ଧର୍ମ ଶବ୍ଦ "ଧୃ" ଧାତୁରୁ ନିଷ୍ପନ୍ନ। "ଧୃ" ଧାତୁର ଅର୍ଥ ଧରିବା ବା ରକ୍ଷାକରିବା। ସୁତରାଂ ଯାହା ମାନବ ସମାଜକୁ ଧାରଣ କରେ ବା ମାନବ ସମାଜ ମଧ୍ୟରେ ଐକ୍ୟଭାବ ଆନୟନ କରେ, ତାହା ଧର୍ମ ନାମରେ ପରିଚିତ। (୫) ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ମତରେ ମଧ୍ୟ ସମାଜକୁ ଯାହା ଏକତ୍ର କରି ବାନ୍ଧି ରଖେ ତାହା ହିଁ ଧର୍ମ। (୬) ପୁନଶ୍ଚ କୌଣସି ଦଳଗତ, ଗୋଷ୍ଠୀଗତ, ସାମ୍ପ୍ରଦାୟିକ ଓ ସାମାଜିକ ବିଶ୍ୱାସ ସାଧାରଣତଃ ଧର୍ମନାମରେ ଗୃହୀତ ହୋଇଥାଏ

ଏବଂ ଏହି ବିଶ୍ୱାସ କାଳର ସମସ୍ତ ପ୍ରତିବନ୍ଧକ ଓ ଅତ୍ୟାଚାର ସତ୍ତ୍ୱେ ମାନବର ଅନ୍ତରାତ୍ମା ସହିତ ବିଯୋଡ଼ିତ ହୋଇ ରହିଥାଏ । (୭) ଏଥିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ପ୍ରତ୍ୟେକ ଗୋଷ୍ଠୀ ବା ସମ୍ପ୍ରଦାୟର ଏକ ଏକ ଧର୍ମ ରହିଛି । ଠିକ୍ ସାନ୍ତାଳ ମାନଙ୍କ କ୍ଷେତ୍ରରେ ମଧ ତାହା ହିଁ ହୋଇଅଛି । ଏମାନଙ୍କର ଏକ ସ୍ୱତନ୍ତ୍ର ଧର୍ମ ରହିଛି ଯାହାକୁ 'ଶାର୍‌ନା' ନାମରେ ଅଭିହିତ କରାଯାଇଥାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସାନ୍ତାଳମାନେ ହିନ୍ଦୁ ନୁହଁନ୍ତି କିନ୍ତୁ ହିନ୍ଦୁମାନଙ୍କ ସହିତ ଏମାନଙ୍କ ସମ୍ବନ୍ଧ ରହିଛି । ଯଥା:- ଏମାନେ ହିନ୍ଦୁମାନଙ୍କ ମନ୍ଦିର ଆଦି ଯିବାରେ ସେମିତି କିଛି ପ୍ରତିବନ୍ଧକ ନାହିଁ । ସେହିପରି ମଧ ହିନ୍ଦୁମାନେ ଏମାନଙ୍କ ପୂଜାସ୍ଥଳ 'ଜାହିରା'କୁ ଯିବାର କଟକଣା ସେମିତି କିଛି ନାହିଁ । ତେଣୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏହି ଧରଣର ସମ୍ପର୍କକୁ ଏକ ବନ୍ଧୁତାର ସମ୍ପର୍କ ଭାବେ ଗ୍ରହଣ କରାଯାଇପାରେ । ଏଠାରେ ଏ କଥା ମନେ ରଖିବା ଉଚିତ୍ ଏହି ଦୁଇ ଧର୍ମର ଧାରା ସ୍ୱତନ୍ତ୍ର ଅଟେ । ତେଣୁ କୌଣସି ଗୋଟିକୁ ଅପରଟିର ଅନ୍ତର୍ଭୁକ୍ତ କରାଯାଇନପାରେ ।

ଏହି ଶାର୍‌ନା ଧର୍ମର ପ୍ରାଚୀନତା ତଥା ଉତ୍ପତ୍ତି ସମ୍ବନ୍ଧରେ ଜାଣିବାକୁ ହେଲେ ସାନ୍ତାଳୀ ଲୋକ ସାହିତ୍ୟ ପାଖକୁ ଯିବାକୁ ପଡ଼ିବ ଅନ୍ୟଥା ଏହା ଜାଣି ହେବ ନାହିଁ । ସାନ୍ତାଳୀ ଲୋକ ସାହିତ୍ୟର 'ବିନ୍ତି' (ସୃଷ୍ଟି ସମ୍ବନ୍ଧୀୟ ଲୋକ କଥା) ହେଉଛି ସର୍ବ ପ୍ରାଚୀନ ଲୋକକଥା । ଯାହାକୁ ଲୋକ କଥା ନ କହି ବରଂ ସାନ୍ତାଳ ସମାଜର ଅଲିଖିତ ସମ୍ବିଧାନ କହିଲେ ତିଳେମାତ୍ର ଅତ୍ୟୁକ୍ତି ହେବ ନାହିଁ । କାରଣ ଆଜି ମଧ ସାନ୍ତାଳ ସମାଜ ବିନ୍ତିରେ ବର୍ଣ୍ଣିତ କଥାନୁସାରେ ହିଁ ପରିଚାଳିତ ହୋଇଥାଏ । ଏଥିରେ ବର୍ଣ୍ଣନା କରାଯାଇଅଛି, ସେତେବେଳେ ଆଦି ମାନବ "ପିଲ୍‌ଚୁ" ନରନାରୀ ଅରଣ୍ୟାନୀ ମଧ୍ୟରେ ଅନ୍ୟାନ୍ୟ ଇତର ଜୀବଙ୍କ ପରି ବସବାସ କରୁଥିଲେ । ସେମାନେ ଧର୍ମ ତଥା ଆଧ୍ୟାତ୍ମିକ ବିଶ୍ୱାସ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବେ ଅଜ୍ଞ ଥିଲେ । ଏହି ଅବସରରେ ଲିଟାବାବା ମାନବ ରୂପରେ ସେମାନଙ୍କ ନିକଟକୁ ଆଗମନ କରିଛନ୍ତି ଏବଂ ସେ ହେଉଛନ୍ତି ସେମାନଙ୍କ ଜେଜେ ବାପା ବୋଲି ପରିଚୟ ଦେଇଛନ୍ତି । ସେମାନଙ୍କ ଭଲମନ୍ଦ କଥା ପଚାରି ବୁଝିବାପାଇଁ ଆସିଛନ୍ତି । ଏହି ନିକଟରେ ଅନ୍ୟ ଏକ ସ୍ଥାନରେ ଅବସ୍ଥାନ କରୁଛନ୍ତି ବୋଲି କହିଥିଲେ । ଆଦିମାନବ ଦ୍ୱୟଙ୍କୁ ସେ ହାଣ୍ଡିଆ ପ୍ରସ୍ତୁତ ବିଧି ସମ୍ବନ୍ଧରେ ଅବଗତ କରୁଛନ୍ତି ବୋଲି କହିଥିଲେ । ଆଦିମାନବ ଦ୍ୱୟଙ୍କୁ ସେ ହାଣ୍ଡିଆ ପ୍ରସ୍ତୁତ ବିଧି ସମ୍ବନ୍ଧରେ ଅବଗତ କରାଇଅଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ହାଣ୍ଡିଆର ପ୍ରସ୍ତୁତି ପର୍ବର ପରିସମାପ୍ତି ଘଟିବା ପରେ ତାହାର ରସିକୁ 'ମାରାଁ ବୁରୁ' (ସାନ୍ତାଳ ମାନଙ୍କ ଇଷ୍ଟ ଦେବ)ଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବାକୁ ନିର୍ଦ୍ଦେଶ ଦେଇଅଛନତି ଏବଂ ଭୋଗ ସ୍ୱରୂପ ଅତ୍ୟଳ୍ପ ସେମାନେ ନିଜେ ସେବନ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ତେଣୁ ଏହି ଦିନ ହିଁ ସେମାନଙ୍କ ମଧ୍ୟରେ ଧର୍ମବିଶ୍ୱାସର ବୀଜ ବପନ କରାଯାଇଥିଲା ବୋଲି କୁହାଯାଇପାରେ । ହେଲେ ସେମାନେ ମାରାଁବୁରୁଙ୍କୁ ସେମାନଙ୍କ ଇଷ୍ଟ ଭାବରେ ଗ୍ରହର କରିଥିଲେ ହେଁ ସେମାନଙ୍କ ଧର୍ମର ନାମକରଣ କିଛି କରି ନଥିଲେ । ଏହିପରି ଭାବେ ସେମାନେ ଅନେକ ଦିନ ଧରି ତାଙ୍କୁ ପୂଜାକରି ଚାଲିଥାନ୍ତି । ସେତେବେଳକୁ ସେମାନେ ସାତ ଜଣ ପୁତ୍ର ଏବଂ ସାତ ଜଣ କନ୍ୟା ସନ୍ତାନ ଜନକ ଜନନୀ ହୋଇ ସାରିଲେଣି । ଦେଖିବାମାତ୍ରେ ସ୍ୱତଃସ୍ଫୁର୍ତ୍ତ ଭାବେ ତାଙ୍କ ମୁଖରୁ ବାହାରିପଡ଼ିଲା ଶାର୍... ନା, ଶାର୍ ... ନା ସାରିଶାର୍‌କମ୍ ବଟାରେନା ଶାର୍...ନା । (ଏଠାରେ କହିରଖିବା ଉଚିତ ହେବ ସାନ୍ତାଳୀଭାଷାରେ ନାରୀମାନେ ପରସ୍ପରକୁ ଡାକିଲାବେଳେ 'ନା' ବୋଲି ସମ୍ବୋଧନ କରିଥାନ୍ତି । ଏହା ଠିକ୍ ଓଡ଼ିଆ ଭାଷାଭାଷୀଙ୍କ 'ଲୋ' ପରି ।) ଏହାପରେ ଅନ୍ୟ ଝିଅ ଓ ପୁଅମାନେ ଆସି ଏକତ୍ରିତ ହୋଇଅଛନ୍ତି ଏବଂ ସେହି ଶରଟିକୁ ପ୍ରଣାମ ପୂର୍ବକ ସନ୍ତର୍ପଣତାର ସହିତ ମାରାବୁରୁ ଏବଂ ପିଲ୍‌ଚୁଙ୍କ ନିକଟକୁ ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହାପରେ ମାରାଂବୁରୁ ସେମାନଙ୍କୁ କହିଲେ ତାହାହେଲେ ଆଜିପାଖରୁ ତୁମ ଧର୍ମର ନାମ ହେବ "ଶାର୍‌ନା" ଯାହା ଯେ ଶରଟିକୁ ପାଇବାପରେ ସର୍ବପ୍ରଥମେ ଉଚ୍ଚାରଣ କରିଥିଲା ଏବଂ ଯେଉଁ ଶରମାଧ୍ୟମରେ ତୁମ ଧର୍ମର ସନ୍ଧାନ କରାଗଲା ତାହା ସ ଯେଉଁଶାଳ ବୃକ୍ଷମୂଳରେ ଶରଟି ବିଦ୍ଧ ହୋଇଥିଲା ତାହା ହେବ ତୁମ ଧର୍ମର ପ୍ରତୀକ । ଏହି ଶାଳବୃକ୍ଷ ତୁମ୍ଭସକାଶେ ହେବ ପବିତ୍ରତମ ବୃକ୍ଷ । ତାହାର ପତ୍ରରେ ସିନ୍ଦୁର ରଖି ଦେବାଦେବୀଙ୍କୁ ଅର୍ପଣ କରିବ । ଏହି ବୃକ୍ଷର ପୁଷ୍ପ ହେବ ତୁମର ପବିତ୍ରତମ ପୁଷ୍ପ । ତୁମମାନଙ୍କର ଯେତେସବୁ କର୍ମକର୍ମାଣି ସବୁଥିରେ ଏହି ବୃକ୍ଷର ବ୍ୟବହାର ରହିବ । ଏତେବେଳକୁ ପିଲ୍‌ଚୁ ତଥା ସନ୍ତାନମାନେ ମାରାଂବୁରୁ ବ୍ୟତିରେକ ଅନ୍ୟ କେଉଁ ଦେବାଦେବୀଙ୍କୁ ପୂଜା କରିବେ ଜାଣି ନଥିଲେ । ଏଠାରେ ଏକଥା କହିବା ବାହୁଲ୍ୟ ଯେ 'ଶାର୍‌ନା' ଧର୍ମର ନାମକରଣ ଏହି ପ୍ରକାରେ ସେଦିନ ସ୍ୱୟଂ ମାରାଂବୁରୁ ହିନିକ ଶ୍ରୀମୁଖରେ କରିଥିବାର ଜଣାଯାଇଥାଏ । ଏହି ଧର୍ମ କେବଳ ସାନ୍ତାଳମାନଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ ଏହା ବୀର୍‌ହଲ୍ (ମାଙ୍କଡ଼ିଆ), କୋହ୍ଲ, ମୁଣ୍ଡା, ମାହାଲୀ ଆଦି ସମ୍ପ୍ରଦାୟ ମଧ୍ୟରେ ମଧ ସ୍ୱୀକୃତି ଲାଭ କରିଅଛି ।

ସେହିପରି 'ବିଣ୍ତି' କଥାର ଅନ୍ୟ ଏକ ଲୋକକଥାରେ ସାନ୍ତାଳମାନଙ୍କ ପୂଜାସ୍ଥଳ ଜାହେର୍ (ଜାହିରା)ର ସଂସ୍ଥାପନ ସମ୍ପର୍କରେ ବର୍ଣ୍ଣିତ ହୋଇଥିବାର ଦୃଷ୍ଟିଗୋଚର ହୋଇଥାଏ ।

ସେତେବେଳେ ସାନ୍ତାଳମାନେ ଚାମ୍ପା ଦେଶରେ ରହୁଥାନ୍ତି । ଦିନକର କଥା ସେଦିନ ମଧ୍ୟ ସାନ୍ତାଳରମଣୀମାନେ ଜଙ୍ଗଲକୁ ଫଳମୂଳ ଓ ଶାଗପତ୍ର ତଥା ଜାଳେଣୀ ସଂଗ୍ରହ କରିବା ସକାଶେ ଯାଇଥାନ୍ତି । ଜଙ୍ଗଲ ମଧ୍ୟରେ ବିଚରଣ କରୁକରୁ ଏକ ଅପୂର୍ବ ନାରୀମୂର୍ତ୍ତି ମୟୂରପୃଷ୍ଠରେ ଆସୀନ ହୋଇ ସେମାନଙ୍କ ଆଡ଼କୁ ଆଗମନ କରୁଥିବାର ଦୃଷ୍ଟିଗୋଚର ହୁଏ । ତାଙ୍କ ମୁଖମଣ୍ଡଳରୁ ଅପୂର୍ବ ଜ୍ୟୋତି ବିକିରୀତ ହେଉଥିଲା । ତେଣୁ ତାଙ୍କୁ ସେମାନେ ଅନାଇପାରୁ ନଥାନ୍ତି, ଠିକ୍ ଯେପରି ସୂର୍ଯ୍ୟଙ୍କୁ ସିଧାସଳଖ ଅନାଇହୁଏ ନାହିଁ । ତାଙ୍କୁ ଦେଖିବାପରେ । ନାରୀମାନେ ଆତଙ୍କିତ ହୋଇଉଠିଛନ୍ତି ଏବଂ ପଳାୟନ କରିବାକୁ ଉଦ୍ୟତ ହୁଅନ୍ତେ ସେହି ନାରୀମୂର୍ତ୍ତି ଏକ ସାଧାରଣ ରମଣୀରୂପେ ଧାରଣ କରି ସେମାନଙ୍କ ନିକଟକୁ ଆସିଛନ୍ତି ଏବଂ କହିଛନ୍ତି- "ମୁଁ ହେଉଛି ତୁମମାନଙ୍କ ମାଁ ଜାହେର୍ ଆୟ (୮) ତୁମମାନଙ୍କୁ ଭେଟିବା ସକାଶେ ମାରାଂବୁରୁ ମୋତେ ପଠାଇଛନ୍ତି । ତୁମେମାନେ କେଉଁଠି କିପରି ରହୁଛ ଦେଖିଆସିବି । କାରଣ ଏଣିକି ତୁମର ଭଲ ମନ୍ଦ କଥା ମୋତେ ହିଁ ବୁଝିବାକୁ ପଡ଼ିବ ।" ତାଙ୍କ ପରିଚୟ ପାଇବାପରେ ନାରୀଗଣ ତାଙ୍କୁ ପ୍ରଣାମ କରିଛନ୍ତି ଏବଂ ତାଙ୍କ ସହିତ ଯିବା ସକାଶେ ସମ୍ମତି ଜଣାଇଛନ୍ତି । ଏତେବେଳକୁ ଜାହେର୍ଆୟ ତାଙ୍କୁ କହିଲେ- ଅବଶ୍ୟ ମୁଁ ଯିବି ତୁମ ସହିତ, କିନ୍ତୁ ଗୋଟିଏ ସର୍ତ୍ତରେ ତୁମେମାନେ ସମସ୍ତେ ଆଗରେ ଚାଲିବ, ତୁମମାନଙ୍କର ମୁଁ ପଶ୍ଚାତ୍‌ନୁଗମନ କରିବି, କେହିହେଲେ ମଧ୍ୟ ମୋତେ ପଛକୁ ଚାହିଁ ଦେଖିବ ନାହିଁ । ଯଦି ଜଣେ ହେଲେ ସୁଦ୍ଧା ପଛକୁ ଚାହିଁ, ତାହା ହେଲେ ମୁଁ ତତ୍‌କ୍ଷଣାତ୍ ସେହିସ୍ଥାନରେ ଅଟକିଯିବି ଏବଂ ଶିଳାରେ ରୂପାନ୍ତରିତ ହେବି । ଏହି ସର୍ତ୍ତଟିକୁ ମଧ୍ୟ ନାରୀମାନେ ମାନିନେଇଥିଲେ । ପରେ ସେମାନେ ଗାଁ ଅଭିମୁଖେ ଯାତ୍ରା ଆରମ୍ଭକରିଛନ୍ତି, ଆନନ୍ଦ ଏବଂ ଉଲ୍ଲାସର ସହିତ । ବହୁପଥ ସେମାନେ ଅତିକ୍ରମ କରିସାରିଲେଣି । ଏଣିକି ଗ୍ରାମ ମଧ୍ୟକୁ ପ୍ରବେଶ କରିବେ, ଠିକ୍ ଏତେବେଳକୁ ସବାପଛରେ ଥିବା ନାରୀଜଣକ ପଛକୁ ଚାହିଁ ଦେଖିବାର ଲୋଭ ଆଉ ସମ୍ଭରଣ କରିପାରିନାହାନ୍ତି । ମନେମନେ ସେ ଭାବିଲେ ଦେଖିବେ ସତରେ ଠାକୁରାଣୀ ଆସୁଛନ୍ତି କି ନାହିଁ । ଏହାପରେ ସେ ଜଣେଇକି ଯେମିତି ଥରୁଟିଏ ଅନେଇଦେଇଛନ୍ତି, ହଠାତ୍ କେହି ଜଣେ ବିରାଟକାୟ ମାନବ ପଦପାତ ବନ୍ଦ କରିଦେଇ ସ୍ତବ୍ଧ ହୋଇଯିବାପରି ଶୁଣାଯାଇଅଛି । ପଛକୁ ସମସ୍ତେ ଚାହିଁ ଦେଖନ୍ତେ ଗାଁ ମୁଣ୍ଡର ସେହି ଛୋଟିଆ ଜଙ୍ଗଲର ପବିତ୍ର ଶାଳବୃକ୍ଷ ମୂଳରେ ତିନିଗୋଟି ପ୍ରସ୍ତର ନୂତନଭାବେ ଧାଡ଼ି ହୋଇ ଉଭା ହୋଇ ଯାଇଛନ୍ତି । ଏତେବେଳକୁ ଜାହେର୍ଆୟଙ୍କ ଶୂନ୍ୟବାଣୀ ସେମାନେ ଶୁଣିବାକୁ ପାଇଛନ୍ତି- 'ତୁମେମାନେ ସର୍ତ୍ତଭଙ୍ଗ କରିଥିବା ହେତୁ ଏହିଠାରେ ମୁଁ ପ୍ରସ୍ତରରୂପ ଧାରଣ କଲି । ଏହି ଯେଉଁ ତିନିଗୋଟି ଶିଳା ତୁମେ ଦେଖିବାକୁ ପାଉଛ ତହିଁରେ ମଧ୍ୟମଟିକୁ ମୋର ପ୍ରତିକ ଭାବେ ଗ୍ରହଣ କରିବ । ମୋର ଦକ୍ଷିଣକୁ ଯିଏ ଅବସ୍ଥାନ କରିଛନ୍ତି ସେ ହେଉଛନ୍ତି "ବାବାମଣେକ" ବାମ ପଟରେ ଯିଏ ରହିଛନ୍ତି ସେ "ଲିଟାବାବା" ଅଟନ୍ତି । ଆଜିଠାରୁ ତୁମେ ଏହି ସ୍ଥାନରେ ପୂଜାର୍ଚ୍ଚନା କରିବ । ଏହା ହେବ ତୁମମାନଙ୍କର ପବିତ୍ର ଜାହେର୍ଥାନ୍ ଏହିଠାରେ ହିଁ ତୁମର ଅନ୍ୟ ଦେବାଦେବୀ ତଥା ଆଖପାଖର ସମସ୍ତ ବୁରୁବଙ୍ଗା (ପାହାଡ଼ର ଦେବତା) ସମୁହ ପାର୍ଶ୍ୱ ଦେବତାଭାବେ ପୂଜାପାଇବେ କିନ୍ତୁ ତୁମେମାନେ ସର୍ତ୍ତଭଙ୍ଗ କରିଥିବା ହେତୁ ତୁମହାତରେ ପୂଜାଗ୍ରହଣ କରିବିନାହିଁ, ପୁରୁଷ ଲୋକମାନେ ମୋର ତଥା ଜାହିର୍ଗାଳର ପୂଜକ ଭାବେ ନିୟୋଜିତ ହେବେ । ଅବଶ୍ୟ ପୂଜା ହେବା ଅବସରରେ ତୁମେମାନେ ମୋତେ ଦର୍ଶନ କରିବାର ସୌଭାଗ୍ୟ ଲଭିବ ।" ଏତେବେଳେକୁ ସୂର୍ଯ୍ୟଦେବତା ପଶ୍ଚିମାକାଶରେ ଅବସ୍ଥାନ କରିଥିଲେ । ତେଣୁ ତାଙ୍କ ତେରଛା କିରଣ ଶାଳବୃକ୍ଷ ମୂଳରେ ତିନି ଦିଅଁଙ୍କ ଉପରେ ପଡ଼ିଲା । ଅପର ପକ୍ଷରେ ଗ୍ରାମର ସମସ୍ତ ପୁରୁଷ ଲୋକମାନେ ଶିକାରକୁ ଯାଇ ଫେରି ନଥାନ୍ତି । ତେଣୁ ନାରୀମାନେ ବିଚାର କରିଛନ୍ତି- ଠାକୁରମାନଙ୍କୁ ଖରାରେ ରଖିବା ଠିକ୍ ହେବ ନାହିଁ ସେଥିପାଇଁ ସେମାନେ ସଙ୍ଗେ ସଙ୍ଗେ ଚାରୋଟି ଖମ୍ବ ପୋତି ଏକ ଅସ୍ଥାୟୀ ଛାଉଣୀଟିଏ କରିବସିଲେ । ଯାହାର ପୂର୍ବଭାଗ ଉଚ୍ଚ ଥିବାବେଳେ ପଶ୍ଚିମଭାଗ ଟିକେ ତଳକୁ କରିଦେଇଥିଲେ । ଯେପରି ପଶ୍ଚିମାକାଶର ସୂର୍ଯ୍ୟକିରଣ ଠାକୁରମାନଙ୍କ ଉପରେ ନ ପଡ଼େ । ଯାହା ଏ ପର୍ଯ୍ୟନ୍ତ ମଧ୍ୟ ସାନ୍ତାଳ ତଥା ଶାର୍‌ନା ଧର୍ମାବଲମ୍ବୀମାନଙ୍କ ଜାହିରା ସାକ୍ଷ୍ୟ ବହନ କରିଆସୁଅଛି । ସେହିପରି ମଧ୍ୟ ଏହି ଘରଟିର ଛାଉଣୀ ସକାଶେ ଯେପରି ଗଣ୍ଠିପଡ଼େ ତାହା ଏକ ସ୍ୱତନ୍ତ୍ର ଧରଣର ଯାହାକୁ କୁଳିଗାଣ୍ଠି (ମହିଳା ଗଣ୍ଠି) ବୋଲି କୁହାଯାଇଥାଏ । ଶାର୍‌ନା ଧର୍ମର ଏକ ବିଶେଷତ୍ୱ ହେଲା ଏହା ମୁଖ୍ୟତଃ ଶକ୍ତି କୈନ୍ଦ୍ରିକ । ଜାହେର୍‌ଗାଳ୍‌ର ଅଧିଷ୍ଠାତ୍ରୀ ଦେବୀ ଜାହେର୍ଆୟ ବା ଜାହେର୍ଏରା (୮) ହେଉଛନ୍ତି ସବୁଠାରୁ ଶକ୍ତିଶାଳୀ ଦେବୀ । ସେ ହେଉଛନ୍ତି ଜାହେର୍‌ଗାଳ୍‌ର ସର୍ବେସର୍ବା । ଅନ୍ୟ ଦେବାଦେବୀମାନେ ତାଙ୍କରି

ଇଙ୍ଗିତରେ ପରିଚାଳିତ ହୁଅନ୍ତି ବୋଲି ସାନ୍ତାଳମାନେ ବିଶ୍ୱାସ କରିଥାନ୍ତି । କେବଳ ଜାହେର୍‌ଗାଲ୍ କାହିଁକି ଯେ କୌଣସି ସ୍ଥାନର ଦେବାଦେବୀ ହୁଅନ୍ତୁନା କାହିଁକି ସେମାନେ ତାଙ୍କରି ବଶ୍ୟତା ସ୍ୱୀକାର କରିଥାନ୍ତି । ଏଥିରୁ ଏହା ସ୍ପଷ୍ଟଭାବେ ପ୍ରମାଣିତ ହେଉଛି ଯେ ସାନ୍ତାଳମାନେ ହେଉଛନ୍ତି ଶକ୍ତି ଉପାସକ । କେବଳ ଏତିକି କାହିଁକି ପୂର୍ବଆଲୋଚିତ ଦୁଇଟିଯାକ କିମ୍ବଦନ୍ତିରେ ଯଥା:- ଶାରନା ଧର୍ମର ସନ୍ଧାନ, ଜାହେର୍‌ଥାନ୍‌ର ସ୍ଥାପନ କ୍ଷେତ୍ରରେ ନାରୀମାନେ ହିଁ ଅଗ୍ରଣୀ ଭୂମିକା ନିର୍ବାହ କରିଅଛନ୍ତି । ଯାହା ପ୍ରତ୍ୟକ୍ଷଭାବେ ସୂଚାଇଦେଇଥାଏ ଯେ ସାନ୍ତାଳସମାଜ ମାତୃଶକ୍ତିକୁ ଯଥୋଚିତ ସମ୍ମାନ ଦେଇ ଆସିଅଛି ।

ଏପର୍ଯ୍ୟନ୍ତ ସନ୍ତାଳମାନଙ୍କ ଧର୍ମବିଶ୍ୱାସ, ତାଙ୍କ ଲୋକ ସାହିତ୍ୟରେ କିପରି ଶାଶ୍ୱତାବସ୍ଥାରେ ରହି ଆସିଛି ଏହାର ନମୁନା ସ୍ୱରୂପ ବିନ୍ତି କଥାର ଦୁଇଗୋଟି କାହାଣୀର ଆଲୋଚନା କରାଗଲା । ହେଲେ ସେମାନଙ୍କ ଧର୍ମବିଶ୍ୱାସର ଭାବ କେବଳ ସେମାନଙ୍କ ସାହିତ୍ୟ ଓ ସଂସ୍କୃତିକୁ ପ୍ରଭାବିତ କରିଥିବା କଥା ଜଣାଯାଇଥାଏ । ଭାରତବର୍ଷର ବହୁଳଭାବେ ଲୋକପ୍ରିୟତା ଲାଭ କରିଥିବା କଥା ସାହିତ୍ୟ, ଯାହା ସମସ୍ତ ଜାତି, ସମ୍ପ୍ରଦାୟ, ଧର୍ମ, ବର୍ଣ୍ଣ ତଥା ରାଷ୍ଟ୍ରସୀମାକୁ ଲଙ୍ଘିପାରିଛି ତାହା ହେଉଛି କାଳଜୟୀ ରାମାୟଣ ଏବଂ ମହାଭାରତର ମହାକଥା । ଏହି ମହାକଥା ଦ୍ୱୟର ବିଷୟବସ୍ତୁ ଶାରନା ଧର୍ମଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଥିବା ଦୃଷ୍ଟିଗୋଚର ହୋଇଥାଏ । ପୂର୍ବଆଲୋଚନା ପ୍ରସଙ୍ଗରୁ ସ୍ପଷ୍ଟ ଭାବେ ଜଣାପଡ଼େ ଯେ ଶାରନା ଧର୍ମର "ଶର" ଏବଂ "ଶାଳବୃକ୍ଷ" ଏକ ଏକ ଅଂଶବିଶେଷ ଓ ଏହି ଧର୍ମରେ ନାରୀମାନଙ୍କୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯାଇଅଛି । ତେଣୁ ଶାରନା କ୍ଷେତ୍ରରେ ନାରୀ ସାଧାରଣ ସ୍ତରରେ ନ ରହି ହୋଇଯାଇଅଛି ମହୀୟସୀ । ଠିକ୍ ସେହିପରି ରାମାୟଣ ଏବଂ ମହାଭାରତରେ ମଧ୍ୟ ନାରୀ ହୋଇଅଛି ମହୀୟସୀ । କେବଳ ସେତିକି ନୁହେଁ ଏଥିରେ ଜନକ କୁମାରୀ ମାତା ସୀତା ଏବଂ ମାତା ଦ୍ରୌପଦୀଙ୍କ ସ୍ୱୟଂବର କଥାର ବର୍ଣ୍ଣନା ଦେଖିଲେ ଏହା ସିଧାସଳଖ ଧନୁଶର ସହିତ ସମ୍ବନ୍ଧ ରକ୍ଷାକରୁଅଛି । ରାମାୟଣ କଥାରେ ଶିବଧନୁର ଭଙ୍ଗକୁ ଯୋଗ୍ୟତାର ମାପକାଠି ଭାବେ ନିଆଯାଇଥିବା ସ୍ଥଳେ ମହାଭାରତରେ ବର୍ଣ୍ଣନା କରାଯାଇଅଛି ଯେଉଁ ରାଜକୁମାର, ଉପରେ ଘୂର୍ଣ୍ଣାୟମାନ ଅବସ୍ଥାରେ ସ୍ଥାପନ କରାଯାଇଥିବା ମତ୍ସ୍ୟର ଚକ୍ଷୁକୁ ପ୍ରତିବିମ୍ବ ଦେଖି ଭେଦ କରିପାରିବ ତାହାକୁ ଯୋଗ୍ୟବୋଲି ବିବେଚିତ କରାଯିବ । ଶରକୁ ନେଇ ଏହି ଧରଣର ବର୍ଣ୍ଣନା ଅନେକାଂଶରେ ପୂର୍ବରୁ ଆଲୋଚନା କରାଯାଇଥିବା ବିନ୍ତି କଥାରେ ବର୍ଣ୍ଣିତ ଲୋକକଥା ଦ୍ୱାରା ପ୍ରଭାବିତ ହୋଇଥିବା ପରି ଜଣାଯାଇଥାଏ । କେବଳ ସେତିକି ନୁହେଁ ଏହି ଧରଣର ବର୍ଣ୍ଣନା ଶାରନା ଧର୍ମାବଲମ୍ବୀ ମାନଙ୍କ ବୁଡ଼ୀସାକ୍ରାତ୍ (୯) ଅବସରରେ ପାଳନ କରାଯାଉଥିବା ଲାଖବିନ୍ଧା ପ୍ରସଙ୍ଗ ସହିତ ମଧ୍ୟ ସାମଞ୍ଜସ୍ୟ ରକ୍ଷାକରୁଅଛି । ଏହି ଅବସରରେ ଏକ କଦଳୀବୃକ୍ଷ ଅବା ଜଡ଼ାବୃକ୍ଷକୁ ଗାଁ ମୁଣ୍ଡ ବିଲ ବା ପ୍ରାନ୍ତରରେ ସ୍ଥାପନ କରି ଜାହିରାର ପୂଜକ (ନାୟକେ)ଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପୂଜାବିଧିମାନ କରାଯିବାପରେ ଗ୍ରାମର ପୁରୁଷଲୋକଙ୍କ ଦ୍ୱାରା ଲକ୍ଷ୍ୟଭେଦ କରାଯାଇଥାଏ । ଯେଉଁଲୋକର ଶର ସେହିବୃକ୍ଷରେ ବାଜିଲା ତାହାକୁ ସମ୍ମାନୀତ କରାଯାଇଥାଏ । ଧନୁଶରକୁ ନେଇ ବେଝା (ଲାଖବିନ୍ଧା) ପରି ଧାର୍ମିକ ଅନୁଷ୍ଠାନ ଅନ୍ୟ କୌଣସି ସମ୍ପ୍ରଦାୟରେ ପ୍ରାଚୀନ ଯୁଗରୁ ପାଳନ ହୋଇ ଆସୁଥିବାର ଜଣାଯାଇ ନ ଥାଏ ।

ରାମାୟଣ ମହାକାବ୍ୟର ଚରିତ୍ରମାନଙ୍କ ମଧ୍ୟରୁ ରାମଭକ୍ତ ହନୁମାନ ଏକ ଶ୍ରେଷ୍ଠ ଚରିତ୍ର । ଯାହାଙ୍କୁ ଏହି କାବ୍ୟରେ ଜଣେ ବ୍ରହ୍ମଚାରୀ, ସାଧକ ତଥା ପ୍ରଭୁଭକ୍ତ ଭାବେ ଚିତ୍ରଣ କରାଯାଇଅଛି । ସେ ତାଙ୍କ ଦିବ୍ୟ ଶକ୍ତି ବଳରେ ନଭମଣ୍ଡଳରେ ଉଡ଼ିଉଡ଼ି ଯାତାୟାତ କରିପାରୁଥିବା କଥା ବର୍ଣ୍ଣନା କରାଯାଇଅଛି । ସେହିପରି ସେହିକାବ୍ୟରେ ଦଶାନନ ରାବଣ, ମାରିଚଙ୍କପରି ଆଦି ଚରିତ୍ରମାନେ ମାୟାଶକ୍ତିବଳରେ ନିଜ ନିଜର ରୂପକୁ ଇଚ୍ଛାନୁସାରେ ପରିବର୍ତ୍ତନ କରିପାରୁଥିବା କଥା ବର୍ଣ୍ଣନା କରାଯାଇଅଛି । ଏହିଧରଣରେ ବର୍ଣ୍ଣନା ସାନ୍ତାଳୀ ଲୋକସାହିତ୍ୟର "କାମ୍‌ରୁଗୁରୁ" ପ୍ରସଙ୍ଗରେ ଦେଖିବାକୁ ମିଳିଥାଏ ।

ଏକଥା ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାନ୍ତାଳମାନଙ୍କ ଧର୍ମବିଶ୍ୱାସର କଥା ଆଲୋଚନା କଲାବେଳକୁ ଓଝା ତଥା ଗୁଣିଆମାନଙ୍କ କଥା ଆପେ ଆପେ ଆସିଯାଇଥାଏ । ଏହି ଗାରେଡ଼ି ବିଦ୍ୟାର ଆଦିଗୁରୁଭାବେ କାମ୍‌ରୁଙ୍କୁ ନିଆଯାଇଥାଏ । ସେ ତାଙ୍କ ଗୁରୁଙ୍କ ପାଖରୁ ଶିକ୍ଷାଲାଭ କରିବାପରେ ଶାଗୁଣାରୂପରେ ଅନ୍ୟଶିଷ୍ୟଙ୍କ ଗହଣରେ ଉଡ଼ିଥିବାର ବର୍ଣ୍ଣନା କରାଯାଇଅଛି । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଗୁରୁ କାମ୍‌ରୁ ବିଲବାଡ଼ିରେ କାମ କଲାବେଳକୁ ଅନ୍ୟମାନଙ୍କ ପାଖକୁ ଆବଶ୍ୟକତାନୁସାରେ ପାଳ ଦୌଡ଼ିର ନିଆଁ, ମଇ ଆଦି ଜିନିଷମାନ ସର୍ପରୂପରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପଠାଇପାରୁଥିଲେ । ସାନ୍ତାଳ ସମାଜର ଧର୍ମବିଶ୍ୱାସକୁ ମୂଳାଧାରଭାବେ ଗ୍ରହଣ କରି ଗଢ଼ିଉଠିଥିବା ମାୟାଭିତ୍ତିକ ଲୋକକାହାଣୀ ଗୁଡ଼ିକର ପ୍ରଭାବ ରାମାୟଣ ରଚୟିତାଙ୍କ ଉପରେ ପଡ଼ିଥିବା କଥାକୁ ଅବିଶ୍ୱାସ କରାଯାଇନପାରେ ।

ସାନ୍ତାଳମାନେ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାର କେତେକ ଅଞ୍ଚଳସମେତ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଲା, ଖରସୁଆଁ ଅଞ୍ଚଳରେ ବହୁସଂଖ୍ୟାରେ ବସବାସ କରୁଥିବା ଜଣାଯାଇଥାଏ । ତେଣୁ ସେମାନଙ୍କ ଧର୍ମବିଶ୍ୱାସର ପ୍ରଭାବ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ ବେଶ ଭଲଭାବେ ଅନୁଭୂତ ହୋଇଥାଏ । ଏହାର ଉଦାହରଣ ସ୍ୱରୂପ ନିମ୍ନୋକ୍ତ ଆଲୋଚନାଟିକୁ ଉପସ୍ଥାପନ କରାଗଲା ।

(କ) ବୃକ୍ଷପୂଜା:- ସାନ୍ତାଳମାନଙ୍କ ଧର୍ମବିଶ୍ୱାସ ତଥା ଶାର୍‌ନା ଧର୍ମାବଲମ୍ବୀଙ୍କ ଧର୍ମବିଶ୍ୱାସରେ ବୃକ୍ଷର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେମାନଙ୍କ ବିଶ୍ୱାସନୁସାରେ ବୃକ୍ଷ ହିଁ ହେଉଛି ଦେବାଳୟ । ବିଭିନ୍ନ ଦେବାଦେବୀମାନେ ଏହି ବୃକ୍ଷରୂପକ ଦେବାଳୟରେ ଅବସ୍ଥାନ କରନ୍ତିବୋଲି ସେମାନଙ୍କ ବିଶ୍ୱାସ । କେବଳ ଦେବାଳୟ ନୁହେଁ ସେହି ବୃକ୍ଷ ମଧ ତାଙ୍କ ବିଚାରରେ ଦେବତାର ସ୍ଥାନ ଲାଭ କରିଅଛି । ଏହା କରମାପୂଜା ଅବସରରେ କରମ ଗଛର ଡାଳପୂଜା ପ୍ରକ୍ରିୟାରୁ ସ୍ପଷ୍ଟଭାବେ ବାରିହୋଇପଡ଼େ । ପୂର୍ବୋକ୍ତ ଲୋକକଥା ଦ୍ୱୟ ଯଥା- (କ) ଶାର୍‌ନା ଧର୍ମର ନାମକରଣ ଏବଂ (ଖ) ଜାହେର୍‌ଗାଲ୍ (ଜାହିରା)ର ସ୍ଥାପନ ପ୍ରସଙ୍ଗରେ ବୃକ୍ଷ ସହିତ ଧର୍ମର ସଂମ୍ବନ୍ଧକଥା ନିଖୁଣଭାବରେ ଆଲୋଚନା କରାଯାଇଅଛି । ଓଡ଼ିଆ ସାହିତ୍ୟରେ ଏହାର ପ୍ରଭାବ ସ୍ୱରୂପ ସେଦିନର ଆଦିବାସୀମାନଙ୍କ ବୃକ୍ଷପୂଜା ପରବର୍ତ୍ତୀ ପର୍ଯ୍ୟାୟରେ ରୂପାନ୍ତରିତ ହୋଇ ଦାରୁବ୍ରହ୍ମରୂପରେ ଆଜି ଜଗତର ନାଥ ଜଗନ୍ନାଥ ପୂଜାପାଉଥିବା କଥା ସ୍ୱୀକାର କରାଯାଇଥାଏ । (୧୦) ଯାହାକୁ ଭାରତୀୟ ସଂସ୍କୃତିର ଏକ ସ୍ୱତନ୍ତ୍ରଧାରା ଭାବେ ବିବେଚନା କରାଯାଇଥାଏ । ଏହି ଦାରୁ ପ୍ରସଙ୍ଗର କଥାବସ୍ତୁକୁ ସାରଳା ଦାସ ମାନ୍ୟତାଦେଇ ଲେଖୁଛନ୍ତି:-

"ଦେଖଇ ଦାରୁ ସେ ଅଟଇ ଲୋହିତ ବର୍ଣ୍ଣ
ଆକ୍ରୋଶି ତୋଳି ନ ପାରିଲେ ସର୍ବଜନ ।
ଜାରା ଶବର ସେ ବସୁବର ବ୍ରାହ୍ମଣ
ଦୁହେଁ ଧଇଲେ ଦାରୁ ଉଠିଲେ ତକ୍ଷଣ ।" (ବନପର୍ବ)

ଏକଥା ଏଥିରୁ ସ୍ପଷ୍ଟ ହୋଇ ଉଠେ ଦାରୁ ବା ବୃକ୍ଷ ପୂଜାକୁ ଓଡ଼ିଆ ସାହିତ୍ୟ ପ୍ରାଚୀନ କାଳରୁ ସ୍ଥାନ ପ୍ରଦାନ କରିଆସିଅଛି ।

(ଖ) ବୃକ୍ଷ ବିବାହ:- ସାନ୍ତାଳମାନଙ୍କ ଧର୍ମବିଶ୍ୱାସ ତଥା ପରମ୍ପରାନୁସାରେ କୌଣସି ସନ୍ତାନର ଉପରଦାନ୍ତ ପ୍ରଥମ ବାହାରିଲେ ତାହାକୁ ଅଶୁଭ ବୋଲି ବିବେଚନ କରାଯାଇଥାଏ । ଏହି ଅରିଷ୍ଟକୁ ଖଣ୍ଡନ କରାଯିବା ସକାଶେ ବିବାହ ପୂର୍ବରୁ ସେହି ଦୋଷଥିବା ପୁତ୍ରକନ୍ୟାଙ୍କୁ ସାହାଡ଼ାବୃକ୍ଷ ଅବା କୁକୁର ସହିତ ବିବାହ କରିଦିଆଯିବାର ବିଧି ରହିଛି । ଏଠାରେ ଏ କଥା ଉଲ୍ଲେଖ ଯୋଗ୍ୟ ଯେ, ଏହି ବିବାହରେ ମଧ ପ୍ରକୃତ ବିବାହ ସମୟର ସମସ୍ତ ନୀତିନିୟମ-ମାନ ପାଳନ କରାଯାଇଥାଏ । ଏମାନଙ୍କର ଏହି ପରମ୍ପରା ତଥା ବିଶ୍ୱାସର ପ୍ରଭାବ ଆଦିକବି ସାରଳ ଦାସଙ୍କ ମଧ ପ୍ରଭାବିତ କରିଥିବା ଅନୁମାନ କରାଯାଇପାରେ । ଏହାର ପ୍ରମାଣ ସ୍ୱରୂପ ତାଙ୍କ ମହାଭାରତର ଗାନ୍ଧାରୀଚରିତ୍ରକୁ ଗ୍ରହଣ କରାଯାଇପାରେ । ସେ ମହାରାଜ ଧୃତରାଷ୍ଟ୍ରଙ୍କୁ ସ୍ୱାମୀଭାବେ ବରଣକରିବା ପୂର୍ବରୁ ତାଙ୍କର ସାହାଡ଼ବୃକ୍ଷ ସହିତ ବିବାହ ସମ୍ପନ୍ନ ହୋଇଥିବାର ବର୍ଣ୍ଣନା କରାଯାଇଛି ।

(ଗ) ପ୍ରତିମାବିହୀନ ଉପାସନା:- ଶାର୍‌ନା ଧର୍ମାବଲମ୍ବୀମାନେ ସେମାନଙ୍କ ଦେବାଦେବୀ ମାନଙ୍କର ବିଗ୍ରହ ନିର୍ମାଣ କରିନଥାନ୍ତି । ସେମାନେ ସମ୍ପୃକ୍ତ ଦେବାଦେବୀ ମାନଙ୍କୁ ଏକଏକ ଶୀଳାରୂପରେ ସ୍ଥାପନକରି ପୂଜାର୍ଚ୍ଚନା କରିଥାନ୍ତି । ଏହା ବିନ୍ତିକଥାର ଜାହେର୍‌ଗାଲ୍ ସ୍ଥାପନ ପ୍ରସଙ୍ଗରେ ମଧ ବର୍ଣ୍ଣନା କରାଯାଇଅଛି । ପୂଜା କରାଯାଉଥିବା ଶିଳାକୁ "ଥାପନ୍ ଧିରୀ" (ସ୍ଥାପନ ପାଷାଣ) ବୋଲି କୁହାଯାଇଥାଏ । କେତେକ ସ୍ଥାନରେ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ମାଟିଘୋଡ଼ା ସବୁ ଠାକୁରଙ୍କ ବାହନ ସ୍ୱରୂପ ସ୍ଥାପନ କରାଯାଇଥାଏ । ସେହିପରି ମଧ ବ୍ୟାଘ୍ର, ସିଂହ, ହସ୍ତୀ, ଗୟଳ, ହରିଣ, କୁଟୁରା ଆଦି ବନ୍ୟଜନ୍ତୁମାନଙ୍କର ମୃଣୟ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥାଏ କିନ୍ତୁ ହିନ୍ଦୁମାନଙ୍କ ପରି କେଉଁ ଦେବାଦେବୀଙ୍କ ରୂପ କିପରି ତାହା ତିଆରି କରାଯାଇନଥାଏ କିନ୍ତୁ ହିନ୍ଦୁମାନଙ୍କ ପରି କେଉଁ ଦେବାଦେବୀଙ୍କ ରୂପ କିପରି ତାହା ତିଆରି କରାଯାଇନଥାଏ । ଅବଶ୍ୟ କେତେକ ଦେବାଦେବୀଙ୍କର ଆୟୁଧ ସମ୍ବନ୍ଧରେ ପରିକଳ୍ପନା କରାଯାଇଅଛି । ଏହିପ୍ରକାରେ ଦେଖିବାକୁ ଗଲେ ସେମାନଙ୍କ ପରମ୍ପରାରେ ମୂର୍ତ୍ତିପୂଜା ନାହିଁ । ବିନ୍ତି କଥାରେ ମଧ ଲିଟାବାବା ପିଲଚୁ ନରନାରୀଙ୍କୁ ମାରାଂବୁରୁଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆରସି ଅର୍ପଣ କରିବାକୁ କହିଛନ୍ତି ସତ । କିନ୍ତୁ ତାହା କୌଣସି ବିଗ୍ରହ ସ୍ଥାପନ କରିନୁହେଁ, ତାହାକୁ ଭୂମିଉପରେ ହିଁ ତାଙ୍କ (ମାରାଂବୁରୁ) ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିଲା । ଏଥିରୁ ଏକଥା ସ୍ପଷ୍ଟ ହୋଇ ଉଠେ ଯେ ସାନ୍ତାଳମାନେ ଈଶ୍ୱରଙ୍କୁ ଏହି ସୃଷ୍ଟିର ସର୍ବତ୍ର ନଦୀ, ନାଳ, ପୋଖରୀ, ବିଶାଳକାୟ ଦ୍ରୁମ ତଥା ପ୍ରସ୍ତର ଆଦିକୁ ଦେବତାର ମାନ୍ୟତା ପ୍ରଦାନ କରିଥାନ୍ତି । ଏହି ସମାଜର ଏହି ଧରଣର ଧର୍ମବିଶ୍ୱାସ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ହୋଇ

ବର୍ଣ୍ଣନା କରାଯାଇଅଛି-

ଜଳ, ସ୍ଥଳ, ବନ, ଗିରି, ଆକାଶ
ତବ ଲୀଳା ସବୁଠାରେ ପ୍ରକାଶ ।

ବାସ୍ତବରେ ଆଦିବାସୀମାନଙ୍କୁ କେବଳ ପ୍ରକୃତିର ସନ୍ତାନ ବୋଲି କହିବା ଠିକ୍ ହେବ ନାହିଁ, ସେମାନେ ମଧ୍ୟ ହେଉଛନ୍ତି ପ୍ରକୃତିର ଉପାସକ ।

ଧର୍ମବିଶ୍ୱାସ ସହିତ ସାନ୍ତାଳ ଜାତିର ନିବିଡ଼ ସମ୍ପର୍କ ରହିଆସିଛି । ଯାହାର ସାକ୍ଷ୍ୟ ସାନ୍ତାଳୀ ଲୋକ ସାହିତ୍ୟର ଲୋକକଥା ଗୁଡ଼ିକ ବହନ କରିଆସିଅଛି । ବିନ୍ତି କଥାରେ ବର୍ଣ୍ଣିତ ଧରମ୍‌ପାଞ୍ଜା (ଧର୍ମର ସନ୍ଧାନ) ପ୍ରସଙ୍ଗ ଜାହେର୍‌ଗାଲ୍ ବେରେଦ୍ (ଜାହିରା ସ୍ଥାପନ) ଆଦି କଥାବସ୍ତୁ ଏହି ଶ୍ରେଣୀର ଅଟନ୍ତି । ଯେଉଁଥିରେ ଜାହେର୍‌ଆୟ, ମଣେକ, ଲିଟା ସମେତ ବିଭିନ୍ନ ଦେବାଦେବୀଙ୍କର ପୂଜାର୍ଚ୍ଚନାର ଅୟମାରମ୍ଭର କଥା କୁହାଯାଇଅଛି । ସାନ୍ତାଳମାନେ ପୁନର୍ଜନ୍ମ ଉପରେ ମଧ୍ୟ ଆସ୍ଥା ରଖି ଆସିଛନ୍ତି । ଏହାର ନିଦର୍ଶନ ସ୍ୱରୂପ ପୁରୁଷମାନଙ୍କ ହାତର ଶିଖା (ପୋଡ଼ା ଚିହ୍ନ)କୁ ଗ୍ରଣ କରାଯାଇପାରେ । ସେମାନେ ବାମ ହାତରେ ଏହି ଚିହ୍ନ ଗୋଟିଏ, ତିନୋଟି, ପାଞ୍ଚଟି ଅବା ସାତଟି ଧାରଣ କରିଥାନ୍ତି । ଗୋଟିଏ ଚିହ୍ନ ଅର୍ଥ ଜୀବନ, ତିନୋଟି ଚିହ୍ନକୁ ସେମାନେ ଜୀବନ, ମରଣ, ଜୀବନ ଏହି କ୍ରମରେ ଗଣନା କରିଥାନ୍ତି । ଏହା ସୂଚାଇ ଦିଏ, ସେମାନେ ଜୀବନ ବା ଜନ୍ମ ଉପରେ ଗୁରୁତ୍ୱାରୋପ କରିଛନ୍ତି ଅର୍ଥାତ ମରଣ ପରେ ମଧ୍ୟ ପୁଣି ଜୀବନ ଲାଭ କରନ୍ତୁ ବୋଲି ସେମାନେ ଆଶାୟୀ ।

ସବା ଶେଷରେ ଏତିକି କୁହାଯାଇପାରେ ସମଗ୍ର ଭାରତ ତଥା ପୃଥିବୀରେ ସାନ୍ତାଳ ଏକ ବୃହତ୍ତର ଆଦିବାସୀ ସମାଜ । କେବଳ ସେତିକି ନୁହେଁ ପ୍ରାଚନୀ ଜନଜାତିଙ୍କ ମଧ୍ୟରେ ଏହି ଜାତି ଏକ ଶ୍ରେଷ୍ଠ ଜାତି । ଏହାର ସଂସ୍କୃତି ଓ ଧର୍ମ ବିଶ୍ୱାସ ବହୁ ପ୍ରାଚୀନ ଓ ସୁଦୃଢ଼ । ଏହାର ସଂସ୍କାର, ସଂସ୍କୃତି ଓ ଶୃଙ୍ଖଳା ଏତେ ଘନବଦ୍ଧ ଯେ ଆଧୁନିକ ସମାଜରେ ମଧ୍ୟ ଏହା ବାହ୍ୟ ସଂସ୍କୃତି ପ୍ରଭାବରୁ ନିଜକୁ ମୁକ୍ତ ରଖିପାରିଛି । ଏହି ଜାତିର ପ୍ରାଚୀନତା ଏବଂ ସ୍ୱାତନ୍ତ୍ର୍ୟତାର କଥା ତାହାର ଅଖଣ୍ଡ ଧର୍ମ ବିଶ୍ୱାସ ଉଦ୍‌ଘୋଷଣା କରିଆସିଛି । ଏହି ଧର୍ମବିଶ୍ୱାସ ସାନ୍ତାଳ ସଂସ୍କୃତିର ଏକ ସ୍ୱତନ୍ତ୍ର ଧାରା ଯାହାକୁ ସାନ୍ତାଳ ଜାତିର ଏକ ବିଶେଷତ୍ୱ ଭାବେ ଗ୍ରହଣ କରାଯାଇଥାଏ ।

ପୃଷ୍ଠା-୧୦

**ପାଦଟୀକା:-**

୧) ଅଧ୍ୟାପକ ତ୍ରିନାଥ ପ୍ରସାଦ ତ୍ରିପାଠୀ, ଆଦିବାସୀ କଥା, ସାଧାଶୁଂ ପ୍ରକାଶନ, ଝାଞ୍ଜରୀମଙ୍ଗଳା, କଟକ, ପ୍ରଥମ ମୁଦ୍ରଣ-୨୦୦୩, ପୃଷ୍ଠା-୧୦ ।

୨) ଅଧ୍ୟାପକ ତ୍ରିନାଥ ପ୍ରସାଦ ତ୍ରିପାଠୀ, ଆଦିବାସୀ କଥା ସାଧୁଂଶୁ ପ୍ରକାଶନ, ଝାଞ୍ଜରୀମଙ୍ଗଳା, କଟକ, ପ୍ରଥମ ମୁଦ୍ରଣ-୨୦୦୩, ପୃଷ୍ଠା-୧୧ ।

୩) ଡ଼ଃ ରତନା ହେମ୍ବରମ୍, ସାନ୍ତାଳୀ ଲୋକ ଗୀତ୍ ମେ ସାହିତ୍ୟ ଔର୍ ସଂସ୍କୃତି, ମାଧ୍ୟା ପ୍ରକାଶନ, ଜାମସେଦପୁର (ଝାଡ଼ଖଣ୍ଡ), ପ୍ରଥମ ସଂସ୍କରଣ-୨୦୦୫, ପୃଷ୍ଠ-୫

୪) ଆଦିବାସୀ ଶିକ୍ଷା ଓ ସାଂସ୍କୃତିକ ପରିଷଦର ଅଭିନନ୍ଦନ, ସମୟ (ଦୈନିକ), ତାରିଖ ୨୫-୧୨-୨୦୦୩ରେ ପ୍ରକାଶିତ ।

୫) ଡ଼ଃ ସୁରେନ୍ଦ୍ର କୁମାର ମହାରଣା, ଓଡ଼ିଆ ସାହିତ୍ୟରେ ଧର୍ମଧାରା, ବାଣୀରୂପା, ବାଙ୍ଗାବଜାର, କଟକ--୧୯୮୮, ପୃଷ୍ଠା-୧ ।

୬) ଅଧ୍ୟାପକ ତ୍ରିନାଥ ପ୍ରସାଦ ତ୍ରିପାଠୀ, ଆଦିବାସୀ କଥା, ସାଧାଂଶୁ ପ୍ରକାଶନ, ଝାଞ୍ଜରୀମଙ୍ଗଳା, କଟକ, ପ୍ରଥମ ମୁଦ୍ରଣ-୨୦୦୩, ପୃଷ୍ଠା-୧୦

୭) ଜାହେର୍‌ଆୟ- ଜାହେର୍ ହେଉଛି ଶାରନା ଧର୍ମାବଲମ୍ବୀ ମାନଙ୍କର ପୂଜାସ୍ଥଳ, ଆୟ ଶବ୍ଦର ଅର୍ଥ ମାଆ । ତେଣୁ ଜାହେର୍‌ଆୟର ଅର୍ଥ- ଜାହିରାର ମାଆ ।

୮) ବୁଢ଼ୀସାକ୍ରାତ୍- ମକର ସଂକ୍ରାନ୍ତି (ଏହାକୁ ସାନ୍ତାଳ ସମାଜରେ ଏକ ପର୍ବ ଭାବରେ ପାଳନ କରାଯାଏ କିନ୍ତୁ ସଂକ୍ରାନ୍ତି ଭାବରେ ନୁହେଁ । ଯେହେତୁ ସାନ୍ତାଳ ସମାଜରେ ସଂକ୍ରାନ୍ତି ପାଳନର ବିଧି ନାହିଁ ।)

୯) ଡ଼ଃ ବଂଶୀଧର ମହାନ୍ତି, ଶ୍ରୀ ଜଗନ୍ନାଥ, ପ୍ରକାଶୀକା ଅନ୍ନପୂର୍ଣ୍ଣା ମହାନ୍ତି, ବାଣୀବିହାର, ଭୁବନେଶ୍ୱର, ପ୍ରଥମ ସଂସ୍କରଣ- ୧୯୮୧, ସଂଶୋଧିତ ନୂତନ ସଂସ୍କରଣ- ୧୯୯୯, ପୃଷ୍ଠା-୧୧ ।

■ *ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ*
*ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର*
*ମୋ: ୯୪୩୭୨୯୨୮୯୯*